Vol VII Issue No.149 Tuesday, 30 May 2006

Home | About Us | Advertise | Archives | Contact Us | Horoscope | Classifieds | Useful Information




previous || next

# ଓଡ଼ିଶା ଆଉ କେତେକାଳ ଶୋଇବ ?/ଖୋଲା ବିଚାର/ବରେନ୍ଦ୍ର କୃଷ୍ଣ ଧଳ

Click to enlarge text: A A A A

ଏବେ କ'ଣ ହେବ ଓଡିଶାର ଶିଳ୍ପାୟନ ? ଓଡିଶା ପ୍ରକୃତରେ ଭାଗ୍ୟହୀନ । କାରଣ ଯେତେବେଳେ ଏହାର ଉନ୍ନତି ପାଇଁ ବିକାଶ ଲାଗି ଯାହାକିଛି ସୁଯୋଗ ଆସୁଛି ତାହା ଆପେ ଆପେ କିପରି ବିଧିର ନିର୍ଦ୍ଦେଶ ଭଳି ବନ୍ଦ ହୋଇଯାଉଛି । ସେ କଥା ଭାବିଲେ ମନରେ ପ୍ରକୃତରେ ବିସ୍ମୟ ଜାତ ହୁଏ । ବିଜେଡି-ଭାଜପା ସରକାର ଆସିବା ପରେ ପରେ ଅନେକ ସୁଯୋଗ ଆସି କେଜାଣି କାହିଁକି ସବୁଥିରେ ବିଘ୍ନ ଘଟୁଛି । ପ୍ରଥମେ ଦେଖନ୍ତୁ ପାରାଦୀପ ତୈଳ ବିଶୋଧନାଗାର । ବହୁ ଜାକଜମକରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଏହାର ଶୁଭ ଦେଲେ । ବିଜେଡି-ଭାଜପା ସରକାର ଶାସନଭାର ଗ୍ରହଣ କଲେ ମାର୍ଚ୍ଚ ୫ ତାରିଖ ୨୦୦୦ ମସିହାରେ । ପ୍ରଧାନମନ୍ତ୍ରୀ ତା'ର ଦୁଇମାସ ପରେ ମେ' ମାସ ୨୪ ତାରିଖରେ ନଅ ହଜାର କୋଟି ଟଙ୍କାର ଏହି ପ୍ରକଳ୍ପର ଶୁଭଦେଲେ । ମନେହେଲା ଶୋଇ ରହିଥିବା ଓଡିଶାର ଭାଗ୍ୟରେ ସୂର୍ଯ୍ୟୋଦୟ ଆରମ୍ଭ ହେଲା । ଏଥିପାଇଁ ଜମି ଦଖଲ ହେଲା, ମାତ୍ର ଟିକସଛାଡ ବ୍ୟବସ୍ଥା ଉପରେ ବିପଦ ଲାଗି ଏହା ବନ୍ଦ ହୋଇଗଲା । ଚାରିବର୍ଷ ପରେ ୨୦୦୪ ଫେବୃୟାରୀ ୧୭ ତାରିଖରେ ବନ୍ଦ ପଡିଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ସହ ଇଣ୍ଡିଆନ ଅଏଲ କର୍ପୋରେଶନର ଏକ ଏମ.ଓ.ୟୁ. ବା ରାଜିନାମା ଦସ୍ତଖତ ହେଲା । ମାତ୍ର ତା'ପରେ ପୁଣି ସବୁ ଚୁପ୍‌ଚାପ । ଚଳିତବର୍ଷ ମାର୍ଚ୍ଚ ୩୦ ତାରିଖରେ ତୈଳ ନିଗମ ବୋର୍ଡ ପାରାଦୀପଠାରେ ଏକ ବଡଧରଣର ପ୍ରକଳ୍ପ (୧୫ ନିୟୁତ କ୍ଷମତା ବିଶିଷ୍ଟ) ପାଇଁ ବାଟ ସଫା

previous || next




©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.